## ଓଲଟିଲା ବୋଲେରୋ, ୧୦ ଆହତ

ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଗୁଡ଼ିଖାଲ ନିକଟରେ ଏକ ବୋଲେରୋ ଓଲଟି ୧୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ବୁଧବାର ଏହି ବୋଲେରୋରେ ୧୦ଜଣ ଯାତ୍ରୀ ଚାନ୍ଦିପୁର ଅଭିମୁଖେ ଯାଉଥିଲେ। ଚକା ହଠାତ୍ ଫାଟିଯିବାରୁ ଗାଡ଼ିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ୧୦ଜଣ ଆହତ ହୋଇଥିଲେ। ତନ୍ମଧ୍ୟରେ ୪ଜଣ ଶିଶୁ ଥିବା ଜଣାଯାଇଛି। ସଙ୍ଗେ ସଙ୍ଗେ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସମସ୍ତଙ୍କ ଘର ଚାନ୍ଦିପୁର ଥାନା ହିଙ୍ଗିଆ ଗାଁରେ।



## ସଂକ୍ଷେପରେ

### ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ



ସାରସକଣା,୩।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆସ୍ଥିତ ସ୍ୱସ୍ତି ରେସିଡେନ୍‌ସିଆଲ ନିକଟରେ ନୂତନ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଫିତା କାଟି ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ଡାଇରେକ୍ଟର ଅଫ୍ ନ୍ୟାସନାଲ ଡିଫେନ୍ସ ସଞ୍ଜୀବ ମହାନ୍ତି , ଆଶୁତୋଷ ପ୍ରତିହାରୀ, ଝାରପୋଖରିଆ ମଣ୍ଡଳ ସଭାପତି ସପନ ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ତାପସ ଦତ୍ତ, ଏମ୍‌ପିଙ୍କ ଜାତୀୟ ରାଜପଥ ପ୍ରତିନିଧି ଟୁଲୁ ନନ୍ଦଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଆଖଣ୍ଡଳମଣି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଦାୟିତ୍ୱ ନେଲେ ନୂଆ ଉପଜିଲାପାଳ



ଆରଡ଼ି,୩।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଭାବେ ନୂତନ ଉପଜିଲାପାଳ ମନୋଜ ପାତ୍ର ବୁଧବାର ଦାୟିତ୍ୱ ନେଇଛନ୍ତି। ପୂର୍ବତନ ଉପଜିଲାପାଳ ପୀତାମ୍ବର ସାମଲ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଉପଜିଲାପାଳ ପାତ୍ର ସନ୍ଧ୍ୟାରେ ପୀଠକୁ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ବାବାଙ୍କ ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାର ଓ ଚାବି ନୂତନ ମ୍ୟାନେଜିଂ ଟ୍ରଷ୍ଟି ଭାବେ ତାଙ୍କୁ ପ୍ରଦାନ କରାଯାଇଛି। ବାବା ଆଖଣ୍ଡଳମଣିଙ୍କର ଜଣେ ସେବକ ଭାବେ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବେ ବୋଲି ସେ କହିଛନ୍ତି। ଦାୟିତ୍ୱ ହସ୍ତାନ୍ତର ବେଳେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସହପରିଚାଳକ ସୁଧାକର ବିଶ୍ୱାଳ, ଟ୍ରଷ୍ଟ ସଭ୍ୟ ଆଶିଷ ପାଢ଼ୀ, ବରିଷ୍ଠ ସେବାୟତ ସରୋଜ ପାଢ଼ୀ, ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉପଜିଲାପାଳ ପାତ୍ର ପୀଠର ଉନ୍ନତିକରଣ କାର୍ଯ୍ୟ ବୁଲି ଦେଖିଥିଲେ।

### ଫର୍ନିଚର ଦୋକାନରେ ଚଢ଼ାଉ

କେନ୍ଦୁଝର, ୩।୧୧(ସ୍ୱ.ପ୍ର.): କେନ୍ଦୁଝର ସହର କରଞ୍ଜିଆ ବସ୍ ଷ୍ଟପ ନିକଟରେ ଥିବା ଏକ କାଠ ଫର୍ନିଚର ଦୋକାନରେ ଏସିଏଫ ଅଜୟ୍ କୁମାର ସାହୁଙ୍କ ନେତୃତ୍ୱରେ ସତନ୍ତ୍ର ସ୍କ୍ୱାଡ ଚଢ଼ାଉ କରିଛି। ଚଢ଼ଉ ବେଳେ ବହୁ ପରିମାଣର କାଠ ଓ କାଠ ସାମଗ୍ରୀ ବନ ବିଭାଗ ଜବତ କରିଛି। ତେବେ କାଠର ବୈଧତା ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। କେତେକ ବ୍ୟବସାୟୀ ବାହାରୁ କାଠ ଓ କାଠ ସାମଗ୍ରୀ ଆଣି କେନ୍ଦୁଝର ସହର ବିଭିନ୍ନ ସ୍ଥାନରେ ରଙ୍ଗ ମାରି, ବିଭିନ୍ନ ପ୍ରକାରର ଫର୍ନିଚର ପ୍ରସ୍ତୁତ କରି ବିକ୍ରି କରି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିନା ପରମିଟ୍‌ରେ ଏବଂ ଚୋରାରେ କାଠ ଆଣି କାମ କରୁଥିବା ଅଭିଯୋଗ ହେଉଛି।

# ଏଫ୍‌ଏମ୍ କଲେଜରେ ଛାତ୍ର ଅଶାନ୍ତି

### ସରିନି ପାଠ୍ୟକ୍ରମ, ଅଫ୍‌ଲାଇନ ପରୀକ୍ଷା ଘୋଷଣାକୁ ବିରୋଧ

ବାଲେଶ୍ୱର ଅଫିସ, ୩।୧୧

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଛାତ୍ର ଅଶାନ୍ତି ଦେଖାଦେଇଛି। କୋଭିଡ କଟକଣା କୋହଳ ହେବା ପରେ ପାଠ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନିର୍ଦ୍ଧାରିତ କୋର୍ସ ସାରି ପାରି ନ ଥିବା ଶତାଧିକ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ତେବେ କଲେଜ ପକ୍ଷରୁ ହଠାତ୍ ପରୀକ୍ଷା କରାଯିବା ନିଷ୍ପତ୍ତିର ଦୃଢ଼ ପ୍ରତିବାଦ କରି କମ୍ ସମୟ ଭିତରେ ପାଠପଢ଼ି କିପରି ପରୀକ୍ଷା ଦେବେ ବୋଲି କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି।

କଲେଜରେ ୟୁଜି ଓ ପିଜି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମ ସମୟ ଅନୁସାରେ ଶେଷ ହୋଇନାହିଁ । ୫୦ପ୍ରତିଶତ ପାଠପଢ଼ା ଅନଲାଇନରେ ହୋଇଥିବା ବେଳେ ମାତ୍ର ୨୫ ପ୍ରତିଶତ ଅଫ୍‌ଲାଇନରେ ହୋଇଛି । ପାଠପଢ଼ା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। କୋର୍ସ ସାରିବା ଉପରେ କଲେଜ କର୍ତ୍ତୃପକ୍ଷ ଧ୍ୟାନ ନ ଦେଇ ତୃତୀୟ ସପ୍ତାହରେ ପରୀକ୍ଷା କରିବାକୁ ଘୋଷଣା କରିଥିଲେ। ଏବେ କର୍ତ୍ତୃପକ୍ଷ ହଠାତ୍ ଆସନ୍ତା ୮ତାରିଖରେ ପରୀକ୍ଷା ପାଇଁ ନୋଟିସ ଜାରି କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ପ୍ରତିବାଦ କରିଛନ୍ତି। ୪ଦିନ ଭିତରେ କିପରି ସମ୍ପୂର୍ଣ୍ଣ କୋର୍ସ ଶେଷ କରି ପରୀକ୍ଷା ଦେବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଅନଲାଇନରେ ୫୦ ପ୍ରତିଶତ



ଛାତ୍ରୀଛାତ୍ରମାନେ ପ୍ରତିବାଦ କରୁଛନ୍ତି।

ମାର୍କ ପରୀକ୍ଷା ନେଇ ବ୍ୟବସ୍ଥା ହୋଇଛି । ମାତ୍ର ସମସ୍ତ ପରୀକ୍ଷା ଅନଲାଇନରେ କରାଇବାକୁ ଦାବି ଜଣାଇଛନ୍ତି। ଯଦି କଲେଜ କର୍ତ୍ତୃପକ୍ଷ ଅନଲାଇନ ପରୀକ୍ଷା ପାଇଁ ରାଜି ନ ହୁଅନ୍ତି ତା'ହେଲେ ପରୀକ୍ଷାକୁ ଘୁଞ୍ଚାଇବାକୁ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

## ଠାକୁରମୁଣ୍ଡାରେ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟିତ

ଠାକୁରମୁଣ୍ଡା,୩।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ତଥା ଜେଏମ୍‌ଏଫ୍‌ସି କୋର୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଏସ୍. ମୁରଲୀଧର ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଏସ. ପୂଜାହାରୀ ମଧ୍ୟ ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ନିକଟରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇଥିବା ଏହି ନୂତନ କୋର୍ଟ ପରିସରରେ କରଞ୍ଜିଆ ଅତିରିକ୍ତ ଜିଲା ଦୌରଜଜ୍ ସୁଶୀଲ କୁମାର ରାଉତ, ରେଜିଷ୍ଟ୍ରାର ସନ୍ଦୀପ ଦାସ, ନୂତନ କୋର୍ଟରେ ନିଯୁକ୍ତ ଜଜ୍ ବନଜା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କରଞ୍ଜିଆ ବାର୍ ଆସୋସିଏସନ ସଭାପତି ଦୀପକ କୁମାର ଦାସଅଧିକାରୀ, ସମ୍ପାଦକ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୋର୍ଟ ପ୍ରତିଷ୍ଠା ପରେ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ୫ ଗିରଫ, ମାରଣାସ୍ତ୍ର ଜବତ

### ଗୁଳିମାରି ଯୁବକଙ୍କୁ ହତ୍ୟା ଘଟଣା



ଗିରଫ ୫ ଅଭିଯୁକ୍ତ।

ବାଲେଶ୍ୱର ଅଫିସ, ୩।୧୧

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ା ଛକରେ ଗତ ରବିବାର ସ୍ପଷ୍ଟ ଦିବାଲୋକରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ବୁଧବାର ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର, ମୋବାଇଲ ଓ ବାଇକ ପୋଲିସ ଜବତ କରିଛି। ହତ୍ୟାର ଶିକାର ହୋଇଥିବା ସଦର ଥାନା ଜଗନ୍ନାଥପାଟଣା ଅଞ୍ଚଳର ବିନୋଦ ବିହାରୀ ଦାସ (୩୩)ଙ୍କ ବାପା ରବୀନ୍ଦ୍ରମୋହନଙ୍କ ଅଭିଯୋଗ ଅନୁଯାୟୀ ସଦର ଥାନାରେ ମାମଲା (ନଂ. ୩୫୪/୨୧) ରୁଜୁ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ହତ୍ୟା ମାମଲାରେ ସାମିଲ ଥିବା ସଦର ଥାନା ଖାନନଗର ଗ୍ରାମର ଅଜୟ ନାୟକ (୨୬), ବାଙ୍କତିରା ଗ୍ରାମର ସପନ ଦାସ (୩୧), କୁରୁଡ଼ା ଗ୍ରାମର ଇନ୍ଦୁବାଳା ସେଠୀ (୩୨), ସହଦେବଖୁଣ୍ଟା ଥାନା ତେଲେଙ୍ଗାସାହି ଗ୍ରାମର ଯୁଗଳ କିଶୋର ଭାରତୀ(୨୭) ଓ ସରୋଜ କୁମାର ଦେ (୩୨)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ତେଲେଙ୍ଗା କଟୁରୀ, ଗୋଟିଏ ଛୁରୀ, ୬ଟି ମୋବାଇଲ, ଗୋଟିଏ ବାଇକ୍ ଜବତ ହୋଇଛି।

ଗତ ରବିବାର ପୂର୍ବାହ୍ନରେ ଏହି ହତ୍ୟାକାଣ୍ଡ ଘଟିଥିଲା। ବିନୋଦ ଜଗନ୍ନାଥପାଟଣାରୁ ଔଷଧ ନେବା ପାଇଁ କୁରୁଡ଼ା ଛକକୁ ଆସୁଥିଲେ। ରାସ୍ତାରେ ୨ ଦୁର୍ବୃତ୍ତ ତାଙ୍କ ପିଛା କରି ବାଇକ୍‌ରେ ଗୋଡାଉଥିବା ବେଳେ ସେ କୁରୁଡ଼ା ଛକରୁ ଅନ୍ୟ ଏକ ରାସ୍ତା ଦେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ସେହି ରାସ୍ତାରେ ବିନୋଦ ମାତ୍ର ୧୦୦ ମିଟର ଯିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଅତି ନିକଟରୁ ଗୁଳିମାଡ଼ କରିଥିଲେ । ଗୁଳିମାଡ଼ରେ ବିନୋଦ ତଳେ ପଡ଼ିଯିବା ପରେ ସେମାନେ ବିନୋଦଙ୍କ ବେକକୁ ଭୁଜାଲିରେ ହାଣି ପକାଇଥଲେ। ଘଟଣା ସଦର ଥାନାରୁ ମାତ୍ର ୫୦୦ମିଟର ଦୂରରେ ହୋଇଥିବାରୁ ପୋଲିସ ତୁରନ୍ତ ସେଠାରେ ପହଞ୍ଚିଥିଲା । ଘଟଣାସ୍ଥଳରୁ ଗୁରୁତର ଆହତ ବିନୋଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାନ୍ଦନା ପର୍ବ ପାଇଁ ଉତ୍ସବମୁଖର

ପାଟଣା, ୩।୧୧(ସ୍ୱ.ପ୍ର.)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କାଳୀପୂଜା ବା ଦୀପାବଳୀ ଗଣପର୍ବ ରୂପେ ପାଳିତ ହୁଏ। ଏହି ପର୍ବ ୩ ଦିନ ଧରି ଧୁମଧାମରେ ଆଲୋକ ଆଉ ହର୍ଷ ଉଲ୍ଲାସରେ ପାଳିତ ହୁଏ। କରୋନା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲେ ହେଁ ଲୋକେ ସାଧ ମତେ କଚା ଘରକୁ ଲିପା ପୋଛା ଓ ପକ୍କା ଘରକୁ ନୂଆ ରଙ୍ଗଦେଇ ଆକର୍ଷଣୀୟ କରି ଗଢି ତୋଳିଛନ୍ତି। ଝୋଟି ମୁରୁଜ ଓ ଗେଣ୍ଡୁ ଫୁଲ ମାଳରେ ଘର ଗୁଡିକ ଚମକୁଛି। ଏଥିସହ ଘରେ ଘରେ ସମସ୍ତଙ୍କ ପାଇଁ ନୂଆବସ୍ତ୍ରର ଯୋଗାଡ଼ କରିଛନ୍ତି। ଆସନ୍ତା ରବିବାର ଆଉ ସୋମବାର ସାହାରପଡା ବ୍ଲକ କୁଣ୍ଡଳା, ଚମ୍ପୁଆ ବ୍ଲକ କଦଗାଡ଼ିଆ ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଗିଧିବାସ ପେଣ୍ଡାଲରେ ଏଥର ଧିଙ୍ଗୁଆନ ଉତ୍ସବ ଆଉ କୁଡୁମାଲି ଭାଷାର ଝୁମର ମେଲୋଡି ପରିବେଷଣ ହେବା ସହ ଜାତିର ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କୁଡୁମି ସେନାର ରାଜ୍ୟ ମିଡିଆ ସେଲ ଅଧ୍ୟକ୍ଷ ଲମ୍ବୋଦର ମହାନ୍ତ ସୂଚନା ଦେଇଛନ୍ତି। କୁଡୁମି ସମ୍ପ୍ରଦାୟ ବହୁଳ କେନ୍ଦୁଝର ଜିଲାରେ ବନ୍ଦନା (ଗୋବର୍ଦ୍ଧନ) ପର୍ବ ଚଳିତବର୍ଷ ଗୁରୁବାର ହେଉଥିବାରୁ ଲୋକେ ଆନନ୍ଦ ଆଉ ଉଲ୍ଲାସରେ ସମସ୍ତ ପ୍ରକାର ଆୟୋଜନ କରିଛନ୍ତି। ଏହାଏକ କୃଷି ଭିତ୍ତିକ ପର୍ବ ହୋଇଥିବାରୁ କୃଷି କର୍ମରେ ସହାୟକ ହେଉଥିବା ପଶୁ ଧନ, ଗୋ-ମାତା, ଗୋ ସମ୍ପଦ ଭଳି ପଣ୍ଡା, ମଇଁଷି, ମେଣ୍ଢାର ପୂଜନ, ଗୋ ବଂଶର ସୁରକ୍ଷା ଓ ବୃଦ୍ଧି ଏହି ପରମ୍ପରାରେ ପ୍ରତିଫଳିତ ହୋଇଛି। ୩ଦିନ ବ୍ୟାପୀ ହେଉଥିବା ଏହି ବାନ୍ଦନା ପର୍ବର ପ୍ରଥମ ଦିନକୁ ଗୋଠ ପୂଜା ଦ୍ୱିତୀୟ ଦିନକୁ ଗୁହାଳ ପୂଜା ଓ ତୃତୀୟଦିନକୁ ଗୋ-ବନ୍ଦାଣ ପର୍ବ ଭାବେ ପାଳନ କରିଥାନ୍ତି।



ମହିଳାମାନେ ଘର ଆଗରେ ଝୋଟି ପକାଉଛନ୍ତି।

## ଦୀପାବଳି ପାଇଁ ଘର ସଜାଉଥିଲେ ବିଦ୍ୟୁତ୍ ତାରରେ ଜୀବନ ଗଲା

ବାସୁଦେବପୁର, ୩।୧୧(ଡି.ଏନ.ଏ.)

ଦୀପାବଳି ପାଇଁ ଘର ସଜାଉଥିବା ବେଳେ ବିଦ୍ୟୁତ୍ ତାର ଲାଗି ବୁଧବାର ସନ୍ଧ୍ୟାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ମନ୍ଦାରୀ ନିକଟସ୍ଥ ପ୍ରବୋଧପୁର ଗ୍ରାମର ପ୍ରସନ୍ନ ବେହେରାଙ୍କ ପୁଅ ରଣଜିତ୍(୧୪)। ସୂଚନା ଅନୁଯାୟୀ, ରଣଜିତ୍ ଘର ଛାତ ଉପରେ ଲିଟୁ ଲାଇଟ ଲଗାଇବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ଦାବିପତ୍ର ଦେଲା କନିଷ୍ଠ ଶିକ୍ଷକ ସଂଘ





ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

ବାରିପଦା ଅଫିସ,୩।୧୧

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଭାପତି ରାକେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଦାବି ଉପସ୍ଥାପନ କରିବା ସହ ଜିଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ। କନିଷ୍ଠ ଶିକ୍ଷକଙ୍କ ଚୁକ୍ତିନାମା ନିୟମ ସଂଶୋଧନ କରିବା ସହ ୨୦୧୩ ନିୟମରେ ସାମିଲ କରିବା ଓ ଅତିକୁଶଳୀ(ତାଲିମପ୍ରାପ୍ତ) ଶିକ୍ଷକମାନଙ୍କୁ ସର୍ବନିମ୍ନ ମାସିକ ୧୬ହଜାର ଟଙ୍କା ବେତନ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଘର ସାଧାରଣ ସମ୍ପାଦକ ବେଣୁ ଗୋପାଳ ମହାନ୍ତ, ଦତ୍ତାତ୍ରୟ ପାତ୍ର ଏବଂ ଜିଲାର କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ।

## ଦୁର୍ନୀତି ନିବାରଣ ସଚେତନତା

ଭଦ୍ରକ ଅଫିସ, ୩।୧୧

ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଭଦ୍ରକ ଶାଖା ପକ୍ଷରୁ ବୁଧବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ସରସ୍ୱତୀ ବିହାରର ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସଭାପତି ପୂର୍ବତନ ପୂର୍ତ୍ତ ବିଭାଗ ଶାସନ ସଚିବ ଡ. ନନ୍ଦନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତିର କାରଣ ଓ ନିରାକରଣ ଉପରେ ଆଲୋକପାତ କରିବା ସହ ଏଥିରୁ ଦୂରେଇ ରହି ଏହାର ମୂଳୋତ୍ପାଟନ ଲାଗି ସମସ୍ତଙ୍କୁ ଶପଥପାଠ କରାଇଥିଲେ। ପ୍ରାଧ୍ୟାପକ ଡ. ଭାଗବତ ତ୍ରିପାଠୀ, ଆଇନଜୀବୀ ଅଗଣି ଚରଣ ଜେନା, ପରିବେଶବିତ୍ ଯୁଧିଷ୍ଠିର ପଣ୍ଡା, ଶିକ୍ଷାବିତ୍ ଶମ୍ଭୁନାଥ ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଚନ୍ଦ୍ର ପଣ୍ଡା, ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ କ୍ଷୁଦିରାମ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ତ୍ରିଲୋଚନ ପଣ୍ଡା ସ୍ୱାଗତ ଭାଷଣ ଓ ବସନ୍ତ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

# ମୀନାବଜାର ବିନା କାଳୀପଡ଼ିଆ ଖାଁ ଖାଁ

କେନ୍ଦୁଝର, ୩।୧୧(ଡି.ଏନ୍.ଏ.)

କୋଭିଡ କଟକଣା ମଧ୍ୟରେ କେନ୍ଦୁଝର ଜିଲା ସଦର ମହକୁମାରେ କାଳୀପୂଜା ଅନୁଷ୍ଠିତ ହେବ। ଅତୀତରେ ମା' କାଳୀଙ୍କ ପୂଜା ଅବସରରେ ସମଗ୍ର କେନ୍ଦୁଝର ଜିଲା ଉତ୍ସବମୁଖର ହୋଇପଡୁଥିବାବେଳେ ଚଳିତ ବର୍ଷ କରୋନା ପାଇଁ କାଳୀପୂଜା ମେଳା, ମୀନାବଜାରକୁ ବନ୍ଦ କରାଯାଇଛି। କେବଳ ଶାସ୍ତ୍ରମତେ ପୂଜା ଅନୁଷ୍ଠିତ ହେବ। କେନ୍ଦୁଝର କାଳୀପଡିଆର କାଳୀପୂଜା ଚଳିତ ବର୍ଷ ୮୧ ବର୍ଷରେ ପଦାର୍ପଣ କରିଥିବାବେଳେ ଏଠାରେ ଚଳିତ ବର୍ଷ ସାତ ଦିନ ଧରି ମା'ଙ୍କର ପୂଜା ଅନୁଷ୍ଠିତ ହେବ ଏବଂ ଆଠଦିନରେ ବିସର୍ଜନ ହେବ ବୋଲି ବୋଲି ଜଣାପଡିଛି । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଚାରି ଫୁଟର ମୂର୍ତ୍ତି କରାଯାଇଥିବାବେଳେ ଭକ୍ତଙ୍କର ଦର୍ଶନକୁ ବାରଣ କରାଯାଇଛି ବୋଲି କାଳୀ ତୀର୍ଥର ସମ୍ପାଦକ ଦୀପକ ମିଶ୍ର ପ୍ରକାଶ କରିଛନ୍ତି ।

ଶୁଭ ଦୀପାବଳି ଓ ପବିତ୍ର କାଳୀପୂଜା ଉପଲକ୍ଷେ ଜଳସୋହରିଆ ପଞ୍ଚାୟତସ୍ଥିତ ଝକଝକି ଶୀତଳା ମନ୍ଦିର ପ୍ରାଙ୍ଗଣରେ ଅଧିଷ୍ଠିତ ମା' ଦକ୍ଷିଣକାଳୀଙ୍କର



କୃପାରେ ସମସ୍ତଙ୍କର ଦୀର୍ଘାୟୁ, ସୁସ୍ୱାସ୍ଥ୍ୟ, ସୁଖ, ଶାନ୍ତି, ସମୃଦ୍ଧି ଓ ଉତ୍ତରୋତ୍ତର ପ୍ରଗତି କାମନା କରୁଛି।
ରଞ୍ଜିତ କୁମାର ଦାସ
ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ନାବାର୍ଡ)
ବାରୁଦଖାଇ, କୁମ୍ଭାରମୂଳି ପଞ୍ଚାୟତ, ଭୋଗରାଇ

# ଭିଜିଲାନ୍ସ ତଦନ୍ତ ଦାବିରେ ଗଣଧାରଣା

### ଦୁର୍ନୀତି ସୀମା ଟପିଛି

ସଜନାଗଡ଼, ୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମେତ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ପ୍ରତିବାଦରେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ବ୍ଲକରେ ଦୁର୍ନୀତି ସୀମା ଟପିଛି, କିଭଳି ଉପାୟରେ ଦୁର୍ନୀତି କରାଯାଉଛି, ସେ ସମ୍ପର୍କରେ ବିବୃତି ଦେଇଥିଲେ। ଅନେକ ସମୟରେ କାମ ନ ହୋଇ ଫଲ୍‌ସ ବିଲ୍ ପୈଠ ହେଉଛି। ଏହିପରି ସରକାରଙ୍କ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହୋଇଥିଲା। ସରକାର ଯଦି ଏହାର ଭିଜିଲାନ୍ସ ତଦନ୍ତ ସହିତ ସ୍ପେଶାଲ ଅଡ଼ିଟ୍ ନ କରନ୍ତି ତେବେ ଲଢ଼େଇ ଜାରି ରହିବ ବୋଲି କହିଥିଲେ।





ନୀଳଗିରି ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ଗଣଧାରଣାରେ କୃଷକ କଂଗ୍ରେସର ରାଜ୍ୟ ସମ୍ପାଦକ ଯଶୋଦା ନନ୍ଦନ ସିଂ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କିଭଳି ଭାବରେ ନୀଳଗିରି ବ୍ଲକରେ ବାଟମାରଣା ହେଉଛି ତାହାର ଅବଧାରଣା କରିଥିଲେ। ଏହି ଧାରଣାରେ ନୀଳଗିରି ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା ଲୋକଙ୍କ ସହିତ ରହିଛି, ଦରକାର ପଡ଼ିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦୃଢ଼ ଚେତାବନୀ ଦେଇଥିଲେ। ସିପିଆଇ ନେତା କୈଳାସ ପଣ୍ଡା, ଜିଲା ସିପିଆଇ ସମ୍ପାଦକ ନିରଞ୍ଜନ ବାରିକ ଓ ବିଜୟ ସ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନା ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ଦାବିକୁ ସରକାରଙ୍କୁ ଜଣାଇବା ସହିତ ଉଚିତ୍ ପଦକ୍ଷେପ ନେବେ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



